# ମୁଖ୍ୟମନ୍ତ୍ରୀଙ୍କୁ ଆଜିର ପ୍ରଶ୍ନ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଗଣତନ୍ତ୍ରର ମୂଳମନ୍ତ୍ର ହେଲା ଉତ୍ତରଦାୟିତ୍ୱ। ନିର୍ବାଚନ ପର ସମୟରେ ନିର୍ବାଚିତ ପ୍ରତିନିଧି ଓ କ୍ଷମତାସୀନ ବ୍ୟକ୍ତିମାନଙ୍କଠାରୁ ଏହାକୁ ଆଦାୟ କରିବା ପାଇଁ ଆମ ସମ୍ବିଧାନ ଓ ନାଗରିକ ସମାଜରେ ଅନେକ ବ୍ୟବସ୍ଥା ଅଛି ବୋଲି ଗତଥର ଏହି ସ୍ତମ୍ଭରେ ଆମେ ମତ ରଖିଥିଲୁ। ନାଗରିକ ସମାଜର ଭୂମିକା ସମ୍ପର୍କରେ ଉଲ୍ଲେଖକରି ଏ କ୍ଷେତ୍ରରେ ଆମର ମଧ୍ୟ କିଛି ଦାୟିତ୍ୱ ଅଛି ବୋଲି ନିଜକୁ ସଚେତନ କରାଇଥିଲୁ। ପ୍ରଶ୍ନ ପଚାରିବା, ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ଆଦାୟ କରିବା ପାଇଁ ଏକ ସରଳ ଅଥଚ ମୌଳିକ କୌଶଳ। ଏଣିକି ଏହି ସ୍ତମ୍ଭରେ ଆମେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରିବୁ। ମୁଖ୍ୟମନ୍ତ୍ରୀଙ୍କୁ ଆଜିର ପ୍ରଶ୍ନ ହେଲା କୃଷି ବିଭାଗକୁ ନେଇ।

କୃଷି ବିଭାଗ ସମ୍ପର୍କରେ ଆଲୋଚନା ଅତ୍ୟନ୍ତ ସ୍ପର୍ଶକାତର ବିଷୟ ହୋଇରହିଛି। ଗତବର୍ଷ ଦୁଇ ଶହରୁ ଉର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କରିଛନ୍ତି। ସରକାର କିନ୍ତୁ ଏ ଆତ୍ମହତ୍ୟାର ଚାଷ ସହିତ କୌଣସି ସମ୍ପର୍କ ଅଛି ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି। ସମ୍ଭବତଃ ଏହାକୁ ମାନିଗଲେ ଗତ କେତେବର୍ଷ ଧରି ପାଉଥିବା କୃଷି କର୍ମଣ ପୁରସ୍କାର ପାଣିଚିଆ ହୋଇଯିବ। କୃଷି କର୍ମଣ ପୁରସ୍କାରକୁ ନେଇ ସରକାର ଆତ୍ମସନ୍ତୋଷ ଲାଭ କରିବାର କୌଣସି କାରଣ ନାହିଁ। ଆମ ବିଚାରରେ ଏହା ତିନିଜଣିଆ ଦୌଡ଼ରେ ତୃତୀୟ ହେଲାଭଳି ଏକ ପୁରସ୍କାର। ତେବେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଦ୍ୱାରା ଗତ ସପ୍ତାହରେ ଏକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଓଡ଼ିଶାରେ ବେପାର କରିବା ସହଜ ନୁହେଁ କି କୃଷି ପାଇଁ ଓଡ଼ିଶାର ପରିବେଶ ଓ ବାତାବରଣ ଅନୁକୂଳ ନୁହେଁ ବୋଲି ସେହି ରିପୋର୍ଟରେ ପ୍ରକାଶ ପାଇଛି। କୃଷି କର୍ମଣ ପୁରସ୍କାର ପାଇଁ ଗର୍ବ ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ ଏ ପ୍ରକାର ସର୍ଭେ ରିପୋର୍ଟକୁ କିପରି ଗ୍ରହଣ କରିବେ ତାହା ହିଁ ଆଜିର ମୁଖ୍ୟ ପ୍ରଶ୍ନ।

ମୋଟାମୋଟି ଭାବେ ଓଡ଼ିଶାରେ କୃଷି ଓ କୃଷକର ଅବସ୍ଥା ଆଦୌ ଭଲ ନୁହେଁ। ପିଲାଦିନେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ବୋଲି ରଚନା ଲେଖି ପୁରସ୍କାର ପାଉଥିଲୁ। ସତୁରି ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି ବୋଲି ବିଶ୍ୱାସ କରୁଥିଲୁ। କିନ୍ତୁ ଆଜି ବାସ୍ତବ କଥାଟି ହେଲା କୃଷି ଆଉ ନିର୍ଭରଯୋଗ୍ୟ ହୋଇରହିନାହିଁ। ସରକାରଙ୍କର ଭୋଟକିଣା ନୀତିଗୁଡ଼ିକ ଅଧିକାଂଶ ଲୋକଙ୍କୁ ଚାଷ ପ୍ରତି ବିମୁଖ କରିଛି। ଚାଷ ଜମିର ପରିମାଣ କମିବାରେ ଲାଗିଛି। ଜଳସେଚିତ ଜମିର ଭାଗ ସେହି ଅନୁପାତରେ ବଢୁନାହିଁ। ଚାଷୀକୁ ଉତ୍ସାହିତ କରିବା ପାଇଁ ବିହନ, ସାର ଓ କୃଷି ଜ୍ଞାନ କୌଶଳ ଯୋଗାଇବାର ସମସ୍ତ ସରକାରୀ ଯୋଜନା ବିଫଳ ହୋଇଛି। କୃଷି ଋଣ ପ୍ରଦାନରେ ଅନିୟମିତତା ଚାଷୀର ମନୋବଳକୁ ଭାଙ୍ଗିଦେଇଛି। ଯେଉଁମାନେ ଭାଗ୍ୟକୁ ଆଦରି ବାଧ୍ୟବାଧକତାରେ ଚାଷ କରୁଛନ୍ତି ସେମାନେ ତାଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଉନାହାନ୍ତି। ସାଧାରଣ ନାଗରିକର ଦୁର୍ଘଟଣା ଘଟିଲେ ବା ଅପମୃତ୍ୟୁ ହେଲେ ମନ୍ତ୍ରୀ ସମବେଦନା ଜଣାଇବା ପାଇଁ ଦୌଡ଼ି ଯାଉଛନ୍ତି। ଚବିଶ ଘଣ୍ଟା ମଧ୍ୟରେ ଅନୁକମ୍ପା ରାଶି ଘୋଷଣା ହେଉଛି। ଶତାଧିକ ଚାଷୀ ଆତ୍ମହତ୍ୟା କରିଥିଲେ ମଧ୍ୟ ଆହା ପଦଟିଏ କହିବା ପାଇଁ ଆମ ସରକାରରେ କେହି ନାହିଁ। ୨୦୧୫ ଖରିଫ ଫସଲ ହାନି ବାବଦକୁ ମିଳିବାକୁ ଥିବା ବୀମା ରାଶି ସାରା ଭାରତରେ ସମସ୍ତେ ପାଇଲେ; କିନ୍ତୁ ଅଭାଗା ଓଡ଼ିଆ ଚାଷୀ ଏ ପର୍ଯ୍ୟନ୍ତ ତାହା ପାଇପାରିଲା ନାହିଁ। କାରଣ ଆମ ପାରଙ୍ଗମ ସରକାର ୨୦୧୫ ଖରିଫ ଯାଇ ୨୦୧୬ ଖରିଫ ଫସଲ ଆସିଲା ପଛେ, କ୍ରପ କଟିଂ ରିପୋର୍ଟ କେନ୍ଦ୍ରକୁ ଦେଇପାରିଲା ନାହିଁ। ଭୋଟ କାଙ୍ଗାଳ ନବୀନବାବୁ ବିରୋଧୀ ଦଳର ଚାଷୀ ସମାବେଶର ଜବାବ ଦେବାକୁ ଯାଇ ସୋହେଲାରେ ତାଙ୍କ ଦଳର ପାଲଟା ସମାବେଶ କରିଥିଲେ। ବିରୋଧୀ ଦଳମାନଙ୍କର ସମାଲୋଚନାକୁ ଫିକା କରିବା ପାଇଁ ଧାନ କ୍ୱିଣ୍ଟାଲ ପିଛା ଶହେ ଟଙ୍କାର ବୋନସ୍ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ ତାହା ମିଳିଲା ନାହିଁ।

ଦୁର୍ନୀତି ଓ ସରକାରୀ ଅବହେଳାର ଶିକାର ଓଡ଼ିଶାର କୃଷକ ସମାଜ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ସଂକଳ୍ପ ନେଲାଣି। ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରିବାର ଅଧିକାର କ'ଣ ଆମର ନାହିଁ? ପ୍ରଶ୍ନର ଉତ୍ତର ଦେବାର ଦାୟିତ୍ୱ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ବୋଲି ନବୀନବାବୁ ଭାବନ୍ତି ନାହିଁ। ନିରଙ୍କୁଶ ସଂଖ୍ୟା ଗରିଷ୍ଠତାର ଅହଂକାର ତାଙ୍କୁ ଏସବୁର ଉର୍ଦ୍ଧ୍ୱରେ ରଖିଛି ବୋଲି ସେ ମନେ କରନ୍ତି। ଆମେ କିନ୍ତୁ ତାଙ୍କୁ ପ୍ରଶ୍ନ ପଚାରି ଚାଲିଥିବୁ। ସେ ଉତ୍ତର ଦିଅନ୍ତୁ କିମ୍ବା ନ ଦିଅନ୍ତୁ।